# Akashvani, Sambalpur

## SAMBALPURI NEWS EVENING BULLETIN

**19 July 2025- 7.02 pm- 7.12 pm.**

**********************************************

୧- ରାଏଜେ ଗୁରସ୍ ଚାଷୀମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ସହେତେ ଗୁରସ୍ ଉତ୍ପାଦନ୍‌କେ ବଢ଼ାବାର୍ ଲାଗି ଓମ୍‌ଫେଡ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରହିଛେ କହେଲେ ମୁଖ୍ୟମନ୍ତ୍ରୀ ।

- ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ଅଧୀନ୍‌ଥି କଟକ୍ ଠାନେ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ।

୨- ରାଏଜେ ଚଲ୍‌ତି ଖରିଫ୍ ଋତୁର୍ ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ।

୩- ପୁରୀ ଜିଲ୍ଲା ବଳଙ୍ଗା ଥାନା ଇଲାକାର ପିଡ଼ିତା ଟୁକେଲ୍ ଛୁଆର୍ ବୟାନ୍ ରେକର୍ଡ଼ କଲେ ମାଜିଷ୍ଟ୍ରେଟ୍ ।

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ଆଏବା ୨୬ ତାରିଖ୍‌ତକ୍ ରାଏଜେ ଜାରି ରହେବା ବର୍ଷା ।

ମୁଖ୍ୟମନ୍ତ୍ରୀ-ଓମ୍‌ଫେଡ୍‌          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ନ ଶ୍ୱେତ ବିପ୍ଳବ୍‌ର କର୍ଣ୍ଣଧାର୍ ହେଉଛେ ଓମ୍‌ଫେଡ୍ । ରାଏଜେ ଗୁରସ୍ ଚାଷୀମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ସହେତେ ଗୁରସ୍ ଉତ୍ପାଦନ୍‌କେ ବଢ଼ାବାର୍ ଲାଗି ଓମ୍‌ଫେଡ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ କଟକ୍ ଠାନେ ନେସ୍‌ନାଲ୍ ଡାଇରୀ ଡେଭଲପ୍‌ମେଂଟ୍ ବୋର୍ଡ଼ - ଏନ୍.ଡି.ଡି.ବି ଆର୍ ଓମ୍‌ଫେଡ୍ ଭିତ୍‌ରେ ହେଇଥିବା ଚୁକ୍ତିନାମା ଅବ୍‌ସରେ ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ଓମ୍‌ଫେଡ୍ ସହେତେ ଇ ଚୁକ୍ତିନାମା ଜରିଏ ଏନ୍‌ଡିଡିବି ଓଡ଼ିଶାର୍ ଗୁରସ୍ ଚାଷୀମାନ୍‌କୁ ଅଏତ୍‌କା  ଗୁରସ୍ ଦଉଥିବାର୍ ଗିର୍, ସହିଁୱାଲ୍ ଆର୍ କ୍ରସ୍‌ବ୍ରିଡ୍ ପ୍ରଜାତିର୍ ପାଖାପାଖି ୩ ନୁ ୪ ହଜାର୍ ଗାଏ ଯୁଗେଇ ଦେବା । ଇତାର୍‌ସହେତେ ଆଏବା ଦିନେ ରାଏଜେ ଏନ୍‌ଡିଡିବିର ସହଯୋଗ୍‌ଥି ଗୁବର୍ ଗେସ୍ ପ୍ଲାଂଟ୍ ଭିଲ୍ ଥାପ୍‌ନା କରାଯିବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୭ କୋଟି ୫୦ ଲାଖ୍ ଟଙ୍କା ଖର୍ଚ୍ଚାଥି ୨ ହଜାର୍ ନୁ ୧୫ ହଜାର୍ ଲିଟର୍‌ର ୨୨ ଟା ମିଲ୍କ ଟେଙ୍କର୍ ରାଜ୍ୟର୍ ଭିନ୍ ଭିନ୍ ଗରସ୍ ସଂଘ ମାନ୍‌କୁ ଦେବାର୍ ସହେତେ ୩ କୋଟି ୫୦ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୩ ଟା ପାଉଡ଼ର୍ ଗୁରସ୍ ପେକିଂ ମିସିନ୍‌ର ଭିଲ୍ ଉଦ୍‌ଘାଟନ୍ କରିଥିଲେ । ଇସବୁ ସୁବିଧା ଜରିଏ ରାଜ୍ୟର୍ ଚାଷୀମାନ୍‌କର୍‌ନୁ

ବହୁତ୍‌ଟେ ପରିମାଣ୍‌ର ଗୁରସ୍ ସଂଗ୍ରହ କରାଯାଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ଼୍ ଡାଇରୀ ପ୍ଲାଂଟ୍‌ର କର୍ମଚାରୀମାନ୍‌କର୍ ଲାଗି ୬୨ ଟା କ୍ୱାଟର୍‌ର ଭିଲ୍ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଉ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିମାନେ ଯୋଗ୍ ଦେଇଥିଲେ ।

ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨୦୨୫-୨୬ ଖରିଫ୍ ଋତୁର୍ ଲାଗି ଆଏଜ୍‌ଠାନୁ ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଇ ବଛର୍ ଚାଷୀ ପଞ୍ଜିକରଣ୍ ପୁରାପୁରି ନୂଆଁ ଭାବେ କରାଯିବା । ଇଥି ଆଘର୍ ବର୍ଷର୍ ନବୀକରଣ୍ ନାଇଁ କରାଯାଏ । ଧାନ୍ ବିକ୍‌ବାର୍ ଲାଗି ଚାଷ୍ ନାଇଁ ହଉଥିବା ଜମି କି ଧାନ୍ ଚାଷ୍ ନାଇଁ ହଉଥିବା ଜମି ମାନ୍‌କୁ ପଞ୍ଜିକୃତ ନାଇଁ କରାଯାଏ । ଭାଗଚାଷୀମାନେ ଜରୁରୀ କାଗଜ୍‌ପତର୍ ଦାଖଲ୍ କରିକରି ଇ ପଞ୍ଜିକରଣ୍ ପ୍ରକ୍ରିୟାଥି ଭାଗ୍ ନେଇପାର୍‌ବେ । ପଞ୍ଜିକରଣ୍ ଲାଗି ଚାଷୀମାନ୍‌କର୍ ଇ-କେୱାଇସି ଆଉ ବେଙ୍କ୍ ଖାତା ସହେତେ ଆଧାର୍ ସଂଯୋଗୀକରଣ୍ ବାଧ୍ୟତାମୂଲକ୍ କରାଯାଇଛେ । ଅଗଷ୍ଟ ୨୦ ତାରିଖ୍‌ତକ୍ ଇ ପଞ୍ଜିକରଣ୍

ପ୍ରକ୍ରିୟା ଜାରି ରହେବା । ସେପ୍ଟେମ୍ବର୍ ୯ ତାରିଖ୍‌ତକ୍ ଚାଷୀମାନ୍‌କର୍ ତଥ୍ୟ ଯାଂଚ୍ ପ୍ରକ୍ରିୟା ଶେଷ୍ ହେବା । ସେପ୍ଟେମ୍ବର୍ ୩୦ ତାରିଖ୍ ଯୋଗ୍ୟ ଚାଷୀମାନ୍‌କର୍ ତାଲିକା ବାହାର୍‌ବା । ନଭେମ୍ବର୍ ମାସର୍ ପହେଲା ହପ୍ତା ନ ସର୍‌କାର୍ ଧାନ୍ ଘିନ୍‌ବେ ବଲି ସମବାୟ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିନୁ ଜନାପଡ଼ିଛେ । ଆଏବା ବଛର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଚାଷୀମାନ୍‌କର୍‌ନୁ ଧାନ୍ ଘିନ୍‌ବାର୍ ପ୍ରକ୍ରିୟା ଜାରି ରହେବା । ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାଥି କେନ୍‌ସି ପ୍ରକାରର୍ ଅଭିଯୋଗ୍ ଥିଲେ ଅଫିସ୍ ସମିଆଥି ୧୯୬୭ ନମ୍ବର୍‌କେ ଫୋନ୍ କରିକରି ସବୁ ତଥ୍ୟ ଜାନିହେବା ।

ଚାଷୀ ପଞ୍ଜିକରଣ୍          ସମ୍ବଲପୁର/ଦେବ୍‌ଗଡ଼୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ୨୦୨୫-୨୬ ଖରିଫ୍ ଋତୁଥି ଚାଷୀମାନ୍‌କର୍ ଧାନ୍ ଘିନ୍‌ବାର୍ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ ପ୍ରକ୍ରିୟା ମୁଳ୍ ହେଇଛେ । ଚାଷୀମାନେ ସମ୍ପୃକ୍ତ ସୋସାଇଟି ନ ଫର୍ମ ଦାଖଲ୍ କରିପାର୍‌ବେ । ଇ ବଛର୍ ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଅଗଷ୍ଟ ୨୦ ତାରିଖ୍‌ତକ୍ ଚାଲ୍‌ବା । ଇଥିର୍‌ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ନ ୪୫ ଟା ସୋସାଇଟି, ୧୧ ଟା ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ୨୦୨୫-୨୬ ଖରିଫ୍ ଋତୁଥି ଚାଷୀମାନ୍‌କର୍ ପଞ୍ଜିକରଣ୍ ଲାଗି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲା ନ ଇ ବଛର୍ ଧାନ୍ ବିକ୍‌ବାର୍ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇକରି ଆଏବା ମାସ ୨୦ ତାରିଖ୍‌ତକ୍ ଚାଲୁ ରହେବା ।

ନିବନ୍ଧନ୍ ଅଧିକାରୀ-କର୍ମଶାଳା ଏକ୍ସ

ଭୁବନେଶ୍ୱର୍ ଲୋକସେବା ଭବନ୍ ରାଜ୍ୟ କନ୍‌ଭେନସନ୍ ସେଂଟର୍ ଠାନେ ନିବନ୍ଧନ୍ ଅଧିକାରୀମାନ୍‌କର୍ ରାଜ୍ୟସ୍ତରୀୟ ସମ୍ମିଲନୀ ଆଉ କର୍ମଶାଳା ହେଇଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ହେଇଥିବା ଇ ସମ୍ମିଲନୀକେ ବିଭାଗୀୟ ମନ୍ତ୍ରୀ ସୁରେଶ୍ ପୂଜାରୀ ଉଦ୍‌ଘାଟନ୍ କରିଛନ୍ ।

ବିକଶିତ୍ ଭାରତ୍ ଲାଗି ବିକଶିତ୍ ଓଡ଼ିଶା କର୍ମଶାଳା

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଖାରବେଲ ଭବନ୍ ନ "ବିକଶିତ୍ ଭାରତ୍ ଲାଗି ବିକଶିତ୍ ଓଡ଼ିଶା" ଉପ୍‌ରେ ଗୁଟେ ଉଚ୍ଚସ୍ତରୀୟ କର୍ମଶାଳା ହେଇଯାଇଛେ । ଇଥି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଶାସନ୍ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିକରି ଭିଜନ୍ ଡକ୍ୟୁମେଂଟ୍‌ର ରଣନୈତିକ୍ ଜ୍ଞାନ୍ ଅଂଶୀଦାର୍ ମ୍ୟାକ୍‌କିନ୍‌ସେ ଆଣ୍ଡ କମ୍ପାନୀର୍ ବିଶେଷଜ୍ଞମାନେ ସହଯୋଗ୍ କରିଥିଲେ । କର୍ମଶାଳାଥି ୨୦୪୭ ତକ୍ ଭାରତ୍‌କେ ଗୁଟେ ବିକଶିତ୍ ଦେଶ୍ କର୍‌ବାର୍ ଲକ୍ଷ୍ୟ ସହେତେ ଓଡ଼ିଶାର୍ ବିକାଶ୍‌ମୂଳକ୍ ରୋଡ୍‌ମେପ୍ ତିଆର୍ କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା । କର୍ମଶାଳାଥି ଦୁହି ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସଂସଦ୍ ମୌସୁମୀ ଅଧିବେଶନ୍-ସର୍ବଦଲୀୟ ବୈଠକ୍

ଏନ୍‌ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏବା ୨୧ ତାରିଖ୍ ସୋମ୍‌ବାର୍ ଦିନ ମୁଲ୍ ହେବା । ଇତାକେ ନେଇକରି ଆଏବାକାଏଲ୍ ସର୍‌କାର୍‌ଙ୍କର୍ ତର୍‌ଫୁ ସର୍ବଦଲୀୟ ବୈଠକ୍ ଡକାଯାଇଛେ । ଆଏବା ଅଧିବେଶନ୍‌କେ ସୁରୁଖୁରୁଥି ପରିଚାଳନା କର୍‌ବାର୍ ଦିଗେ ସହଯୋଗ୍ କର୍‌ବାର୍ ଲାଗି ବୈଠକ୍‌ଥି ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ରାଜନୈତିକ୍ ଦଲ୍‌କେ

ଅନୁରୋଧ୍ କରାଯିବା । ଜୁଲାଇ ୨୧ ନୁ ଅଗଷ୍ଟ ୨୧ ତାରିଖ୍ତକ୍ ହେବାର୍କେ ଥିବା ମୌସୁମୀ ଅଧିବେଶନ୍ଥି ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ବିଧେୟକ୍ ଉପ୍ରେ ଆଲୋଚନା ହେବାର୍ ସମ୍ଭାବନା ରହିଛେ ।

ପୁରୀ ଅଘଟନ୍ ପୁରୀ ସମ୍ବାଦଦାତା

ପୁରୀ ଜିଲ୍ଲା ବଳଙ୍ଗା ଥାନା ଇଲାକା ନ ପିଡ଼ିତା ଟୁକେଲ୍ ଛୁଆର୍ ବୟାନ୍ ମାଜିଷ୍ଟ୍ରେଟ୍ଙ୍କର୍ ଉପସ୍ଥିତିଥି ରେକର୍ଡ଼ କରାଯାଇଛେ । ସେ ଇଲାକା ନ ସିସିଟିଭି ଯାଂଚ୍ କରାଯିବାର୍ ସହେତେ ପିଡ଼ିତାଙ୍କର୍ ବୟାନ୍ ଆଧାର୍ଥି ଘଟ୍ନାର୍ ତଦନ୍ତ ଜାରି ରହିଛେ । ପିଡ଼ିତାଙ୍କର୍ ସ୍ୱାସ୍ଥ୍ୟବସ୍ଥା ଗୁରୁତର୍ ରହିଛେ । ଶରୀର୍ର ୭୫ ପ୍ରତିଶତ ପୁଡ଼ିଯିବାର୍ନୁ ଆଏବା ୪୮ ଘଂଟା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବଲି ଭୁବ୍ନେଶ୍ୱର୍ ଏମ୍ସ ନିର୍ଦ୍ଦେଶକ୍ କହିଛନ୍ ।

ଘଟ୍ନାଟା ସମ୍ବେଦନ୍ଶୀଲ୍ ହେଇଥିବାର୍ନୁ ସର୍କାର୍ ଇତାର୍ ଗୁରୁତର୍ ସହେତେ ବିଚାର୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ପିଡ଼ିତାଙ୍କୁ ଚିକିତ୍ସା ଲାଗି ଭୁବ୍ନେଶ୍ୱର୍ ଏମ୍ସକେ ସ୍ଥାନାନ୍ତର୍ କରାଯାଇଛେ । ଚିକିତ୍ସାର୍ ସବୁ ଖର୍ଚ୍ଚା ରାଜ୍ୟ ସର୍କାର୍ ଉଠାବେ । ଘଟ୍ନାଥି ସମ୍ପୃକ୍ତ ଦୋଷୀଙ୍କର୍ ବିରୋଧ୍ଥି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ । ବଳାଙ୍ଗା ଥାନାର

ବାୟାବର ଗାଁ ପାଶେ ପିଡ଼ିତାଙ୍କୁ କେତେଝନ୍ ଦୁବୃତ ଆକ୍ରମଣ୍ କରିକରି ନିଆଁ ଲଗେଇ ଦେଇଥିଲେ । ଘଟିଥିବା ଅଘଟନ୍‌ର ଥିତିକେ ଅନୁଧାନ୍ କର୍‌ବାର୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ପଦକ୍ଷେପ୍ ନିଆୟାଇଛେ । ଫରେନ୍‌ସିକ୍ ଟିମ୍ ଘଟ୍‌ନାଜାଗା ନ ପୁହୁଁଚିକରି ଥିତିର୍ ଅନୁଧାନ୍ କରୁଛନ୍ ।

ହର୍ ଘର୍ ନଲ୍, ହର୍‌ଘର୍ ଜଲ୍ ନୂଆପଡ଼ା ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରୟଣ୍ ନାଏକ୍ ଆଏଜ୍ ନୂଆପଡ଼ା ଜିଲ୍ଲା ଗସ୍ତ କରିକରି ଜିଲ୍ଲା ନ ଚାଲିଥିବା ହର୍ ଘର୍ ନଲ୍-ହର୍‌ଘର୍ ଜଲ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍ ଇ ଯୋଜ୍‌ନାଥି ହିତାଧିକାରୀମାନ୍‌କର୍ ସହେତେ ଆଲୋଚନା କରିକରି ପିଇବାର୍ ପାଏନ୍ ବାବଦ୍ ସମସ୍ୟା ମାନ୍‌କୁ କେନ୍ତାକରି ସମାଧାନ୍ କରାୟାଇଛେ ସେ ବାବ୍‌ଦେ ପଚ୍‌ରେଇ ବୁଝିଥିଲେ । ନୂଆପଡ଼ା ଜିଲ୍ଲା ନ ୫ ଟା ଜଲ୍‌ପ୍ରକଳ୍ପ ଜରିଏ ୩ ଶହ ୭୦ କୋଟି ଟଙ୍କା ଖର୍ଚ୍ଚା କରାୟାଇକରି ୨ ଶହ ୧୧ ଟା ଗାଁ ନ ୫୦ ହଜାର୍‌ନୁ ଅଏତ୍‌କା ପରିବାର୍‌କେ ସଫା ପିଇବାର୍ ପାଏନ୍ ୟୁଗେଇ ଦିଆୟାଉଛେ । ଦେଶେ ହର୍‌ଘର୍ ନଲ୍- ହର୍‌ଘର୍ ଜଲ୍ ଯୋଜ୍‌ନାର୍ ସଫଲ୍ ରୂପାୟନ୍

କରିପାରିଥିବାର୍‌ନୁ ନୂଆପଡ଼ା ଜିଲ୍ଲା ପହେଲା ଠାନ୍ ପାଇଛେ ।

ପଂଚାୟତିରାଜ୍ -କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି କଲାହାଣ୍ଡିକେ ରାଜ୍ୟର୍ ବିକଶିତ୍ ଜିଲ୍ଲା କର୍‌ବାର୍ ଲାଗି ଆହ୍ୱାନ୍ ଦେବାର୍ ସହେତେ ୩୨ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ୧୯ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ଇତାର୍ ସହେତେ ୨ ଶହ ୭ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ ଧର୍ମଗଡ଼୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀ, ଜିଲ୍ଲାପାଲ୍ ସଚିନ୍ ପାଓ୍ୱାର୍ ପ୍ରକାଶ୍ ଆଉ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନବୀକରଣ୍ ମାନ୍ୟତା- ଅନ୍‌ଲାଇନ୍ ଆବେଦନ/କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ୨୦୨୪-୨୫ ଆଉ ୨୫ -୨୬ ବଛର୍ ଲାଗି ନୂଆଁ ଆଉ ନବୀକରଣ୍ ମାନ୍ୟତା ଲାଗି ଅନ୍‌ଲାଇନ୍ ଆବେଦନ୍ ଆଉ ଦାଖଲ୍ ସମିଆକେ ଆଏବା

୨୮ ତାରିଖ୍‌ତକ୍ ବଢ଼େଇଛନ୍ । ଆବେଦନ୍ କରିଥିବା ସ୍କୁଲ୍‌ମାନେ ଆଏବା ୨୮ ତାରିଖ୍‌ତକ୍ ସେମାନ୍‌କର୍ ଆବେଦନ୍ ଫର୍ମ ଦାଖଲ୍ କରିପାର୍‌ବେ । ଜିଲ୍ଲା ଶିକ୍ଷା ଅଧିକାରୀମାନେ ଆଏବା ମାସ ୬ ତାରିଖ୍‌ତକ୍ ଆବେଦନ୍ ଫର୍ମ ମାନ୍‌କର୍ ଯାଂଚ୍ କର୍‌ବେ । ସେନ୍ତା ଜୋନାଲ୍ ଅଫିସ୍ ମାନେ ଅନ୍‌ଲାଇନ୍‌ଥି ପାଇଥିବା ଦର୍‌ଖାସ୍ତ ମାନ୍‌କୁ ୧୬ ତାରିଖ୍ ତକ୍ କଟକ୍‌ର ବୋର୍ଡ଼ ଅଫିସ୍ ନ ଦାଖଲ୍ କରିପାର୍‌ବେ ।

ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା          କଟକ୍ ସମ୍ବାଦଦାତା

ଆମେରିକାର୍ ବର୍ମିଂହାମ୍ ଠାନେ ହେଇଥିବା ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା-୨୦୨୫ ଥି ଭାରତୀୟ ଦଲ୍‌ଥି ଭାଗ୍ ନେଇକରି ଓଡ଼ିଶା ପୁଲିସ୍‌କେ ଗୌରବାନ୍ୱିତ କରିଥିବା ଖେଲାଲିମାନେ ଆଏଜ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିଛନ୍ । ଇ ଅବ୍‌ସରେ ଡିଜିପିଙ୍କର୍ କେମ୍ପ୍ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୁର୍ ଖୁରାନିଆ ପଦକ୍ ବିଜେତାମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଖେଲାଲିମାନ୍‌କର୍ ଅସାଧାରଣ୍ ପ୍ରତିଭା ଲାଗି ପ୍ରଶଂସା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଜୁନ୍ ୨୭ ନୁ ଜୁଲାଇ ୬ ତାରିଖ୍‌ତକ୍ ହେଇଥିବା ଇ ପ୍ରତିଯୋଗିତାଥି ୭ ଝନ୍ ଓଡ଼ିଆ

ପୁଲିସ୍ କର୍ମଚାରୀଙ୍କର୍ ଗୁଟେ ଦଲ୍ ଭାରତୀୟ ପୁଲିସ୍ ଦଲ୍‌ର ପ୍ରତିନିଧିତ୍ୱ କରିକରି **୧୩ ଟା ସ୍ୱର୍ଣ୍ଣ, ୩ ଟା** ରୌପ୍ୟ ଆଉ ୪ କାଂସ୍ୟ ପଦକ୍ ସହେତେ ମୋଟ୍ ୨୦ ଟା ପଦକ୍ ହାସଲ୍ କରିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ ।

ପୁଲିସ୍ ମକ୍‌ଡ୍ରିଲ୍           ନୂଆପଡ଼ା ସମ୍ବାଦଦାତା

ପ୍ରତିକୂଳ ପରିସ୍ଥିତି ନ ପୁଲିସ୍ କର୍ମଚାରୀମାନେ କେନ୍ତାକରି ସବୁ ପ୍ରକାରର୍ ମୁକାବିଲାର୍ ସାମ୍ନା କରିପାର୍‌ବେ ସେ ବାବ୍‌ଦେ ନୂଆପଡ଼ା ଜିଲ୍ଲା ପୁଲିସ୍ ରିଜର୍ଭ ପଡ଼ିଆ ନ ପୁଲିସ୍ କର୍ମଚାରୀମାନ୍‌କର୍ ଗୁଟେ ମକ୍‌ଡ୍ରିଲ୍ ହେଇଯାଇଛେ । ଜିଲ୍ଲା ପୁଲିସ୍ ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ର ଇଥି ଯୋଗ୍ ଦେଇକରି ପୁଲିସ୍‌ର କର୍ତବ୍ୟ ଆଉ ଦାୟିତ୍ୱ ବାବ୍‌ଦେ କର୍ମଚାରୀମାନ୍‌କୁ ଜନେଇଥିଲେ ।

ଜାତୀୟ ଶିକ୍ଷାନୀତି -୨୦୨୦- ଆଲୋଚନାଚକ୍ର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ପଂଚାୟତ୍ ମହାବିଦ୍ୟାଳୟ ନ ଜାତୀୟ ଶିକ୍ଷାନୀତି -୨୦୨୦ ଉପ୍‌ରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଇ ଅବ୍‌ସରେ ମହାବିଦ୍ୟାଳୟର୍ ଭାରପ୍ରାପ୍ତ

ଅଧ୍ୟକ୍ଷ ରବୀନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତିର୍ ଭିନ୍ ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା କରିଥିଲେ । ଆଲୋଚନାଚକ୍ରଥି ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଆଉ ବୁଦ୍ଧିଜୀବୀମାନେ ଉପସ୍ଥିତ୍ ଥିଲେ ।

ପୋସ୍ ଆଇନ୍ -ବୈଠକ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଓସ୍ୱାନ୍ ସମ୍ମିଲନୀ କକ୍ଷ ନ ପୋସ୍ ଆଇନ୍ ବାବ୍‌ଦେ ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲାର୍ ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ, ଆଶ୍ରମ୍ ବିଦ୍ୟାଳୟ ଆଉ ଜିଲ୍ଲାର୍ ସବୁ କାର୍ଯ୍ୟାଳୟ ମାନ୍‌କେ ମହିଳା ଯୌନ ନିର୍ଯ୍ୟାତନା ଆଇନ୍ ପୋସ୍ ଆକ୍ଟ ଅନ୍‌ସାରେ ଆଭ୍ୟନ୍ତରିଣ କମିଟି ଜଲ୍‌ଦି ଗଠନ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ ।

ପାଣିପାଗ             ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ଆଏବା ୨୨ ନୁ ୨୪ ତାରିଖ୍ ଭିତ୍‌ରେ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ ବଲି ପାଣିପାଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ । ୨୩ ତାରିଖ୍

ଭିତ୍‌ରେ ଇଟା ଲଘୁଚାପ୍‌ଥି ବଦ୍‌ଲିବା । ଆଉ ୨୬ ତାରିଖ୍ ବେଲ୍‌କେ ସ୍ଥଲ୍‌ଭାଗ୍‌କେ ଗତି କର୍‌ବା । ଇତାର୍ ପ୍ରଭାବ୍‌ଥି ସୁନ୍ଦର୍‌ଗଡ଼୍, ନୂଆପଡ଼ା, ବର୍‌ଗଡ଼୍ ସହେତେ ୧୫ ଜିଲ୍ଲାର୍ କେତେଟା ଜାଗା ନ ଅତି ଜବର୍ ବର୍ଷା ସହେତେ ବିଜ୍‌ଲି ମାର୍‌ବାର୍ ସମ୍ଭାବନା ରହିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଇହାଦେ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଇଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ସ୍ତର୍ ୬ ଶହ ୧୦ ଦଶ୍‌ମିକ୍ ୭/୩ ଫୁଟ୍ ରହିଛେ ।